# NATIONAL NEWS BULLETIN (ODIA)
## 28 January - 2025
## Evening Bulletin : 7.15 P.M.

**********************************

## ମୁଖ୍ୟ ସମ୍ବାଦ

- ଉତ୍ତରାଖଣ୍ଡ ଡେରାଡୁନ୍‌ଠାରେ ୩୮ତମ ଜାତୀୟ କ୍ରୀଡ଼ା ପ୍ରତିଯୋଗିତାକୁ ଉଦ୍‌ଘାଟନ କଲେ ପ୍ରଧାନମନ୍ତ୍ରୀ ।
- ଓଡ଼ିଶାକୁ ଅର୍ଥନୈତିକ ଅଭିବୃଦ୍ଧି କ୍ଷେତ୍ରରେ ତ୍ୱରାନ୍ୱିତ କରିବାକୁ ଆହ୍ୱାନ ଦେଲେ ପ୍ରଧାନମନ୍ତ୍ରୀ ।

– ଭୁବନେଶ୍ୱର ଠାରେ ଆଜିଠୁ ଆରମ୍ଭ ହୋଇଥିବା 'ଉତ୍କର୍ଷ ଓଡ଼ିଶା, ମେକ୍ ଇନ୍ ଓଡ଼ିଶା' ସମ୍ମିଳନୀରେ ଅପରାହ୍ଣ ସୁଦ୍ଧା ୫୪ଟି ବୁଝାମଣାପତ୍ର ସ୍ୱାକ୍ଷରିତ ।

- ରାଇସିନା ଆଲୋଚନାର ଉଦ୍‌ଘାଟନୀ ସମାରୋହରେ ଭାରତ ମଧ୍ୟପ୍ରାଚ୍ୟ ସମ୍ପର୍କ ଉପରେ ଗୁରୁତ୍ୱ ଦେଲେ ବୈଦେଶିକ ବ୍ୟାପାର ମନ୍ତ୍ରୀ ।
- ଉତ୍ତର ପ୍ରଦେଶର ବାଗପତ୍ ଅସ୍ଥାୟୀ ମଞ୍ଚ ଭାଙ୍ଗି ଯିବା ଘଟଣାରେ ମୃତ୍ୟୁ ସଂଖ୍ୟା ୭କୁ ବୃଦ୍ଧି ।

ଏବଂ

- ରାଜକୋଟ୍ ଟି-ଟ୍ୱେଣ୍ଟି କ୍ରିକେଟ୍ ମ୍ୟାଚ୍‌ରେ ଟସ୍ ଜିତି ଇଂଲଣ୍ଡକୁ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କଲା ଭାରତ ।

## ପିଏମ୍-ନ୍ୟାସନାଲ୍ ଗେମ୍ସ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଉତ୍ତରାଖଣ୍ଡ ଡେରାଡୁନ୍‌ର ମହାରାଣା ପ୍ରତାପ ଷ୍ଟାଡିୟମ୍‌ରେ ୩୮ତମ ଜାତୀୟ କ୍ରୀଡ଼ାକୁ ଉଦ୍‌ଘାଟନ କରିଛନ୍ତି । ଏହି ସମାରୋହରେ କେନ୍ଦ୍ର ମନ୍ତ୍ରୀ, ଭାରତୀୟ ଅଲିମ୍ପିକ୍ ସଂଘ ଏବଂ ଜାତୀୟ ସ୍ତରୀୟ ଖେଳାଳିମାନେ ଯୋଗଦେଇଛନ୍ତି । ଉଦ୍‌ଘାଟନୀ ସମାରୋହରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଛି ।

ସୂଚନା ଅନୁଯାୟୀ ଉତ୍ତରାଖଣ୍ଡର ୮ଟି ଜିଲ୍ଲାର ୧୧ଟି ସହରରେ ଆସନ୍ତାମାସ ୧୪ ତାରିଖ ପର୍ଯ୍ୟନ୍ତ ଜାତୀୟ କ୍ରୀଡ଼ା ଅନୁଷ୍ଠିତ ହେବ । ଏଥିରେ ମୋଟ୍ ୩୫ଟି ଖେଳର ୪୭ଟି ଇଭେଣ୍ଟ ଆୟୋଜନ କରାଯାଇଛି ।

# ଉତ୍କର୍ଷ ଓଡ଼ିଶା ସମ୍ମେଳନ

ଭାରତକୁ ବିଶ୍ୱର ତୃତୀୟ ବୃହତ ଅର୍ଥନୀତିରେ ପରିଣତ କରିବାରେ ଓଡ଼ିଶାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି। ଓଡ଼ିଶା ଖୁବ୍‌ଶୀଘ୍ର ବିକାଶର ଶିଖର ଛୁଇଁବା ସହିତ ସଶକ୍ତ ଓ ସମୃଦ୍ଧ ହେବ ବୋଲି ପ୍ରଧାନମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି ।

ଭୁବନେଶ୍ୱରର ଜନତା ମଇଦାନଠାରେ ଆଜିଠାରୁ ଆରମ୍ଭ ହୋଇଥିବା ଦୁଇଦିନିଆ 'ଉତ୍କର୍ଷ ଓଡ଼ିଶା-ମେକ୍ ଇନ୍ ଓଡ଼ିଶା' ସମ୍ମିଳନୀକୁ ଉଦ୍‌ଘାଟନ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଓଡ଼ିଶାରେ ଅପାର ସମ୍ଭାବନା ଭରି ରହିଛି। ଶ୍ରୀ ମୋଦୀ କହିଛନ୍ତି, ଓଡ଼ିଶାବାସୀଙ୍କ କ୍ଷମତା ଉପରେ ପ୍ରଗାଢ଼ ବିଶ୍ୱାସ ରହିଛି ଏବଂ ରାଜ୍ୟକୁ ଅର୍ଥନୈତିକ ଅଭିବୃଦ୍ଧି କ୍ଷେତ୍ରରେ ତ୍ୱରାନ୍ୱିତ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି ।

ଓଡ଼ିଶାରେ ଏମ୍.ଏସ୍.ଏମ୍.ଇ. କ୍ଷେତ୍ର, ଷ୍ଟାର୍ଟଅପ୍, ଗବେଷଣା ଏବଂ ନବସୃଜନ କ୍ଷେତ୍ରଗୁଡ଼ିକୁ ସମର୍ଥନ କରିବାକୁ ପ୍ରଧାନମନ୍ତ୍ରୀ ନିବେଶକ ଏବଂ ଶିଳ୍ପୋଦ୍ୟୋଗୀଙ୍କୁ ଆହ୍ୱାନ ଦେବା ସହିତ ସରକାର ଏ ଦିଗରେ ସମସ୍ତ ପ୍ରକାର ସହାୟତା ପ୍ରଦାନ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ଏହି ଅବସରରେ ଶ୍ରୀ ମୋଦୀ ଉତ୍କର୍ଷ ଓଡ଼ିଶା ଗ୍ୟାଲେରୀ ପରିଦର୍ଶନ କରିଥିଲେ।

ସମ୍ମିଳନୀର ଆଜି ପ୍ରଥମ ଦିନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୃହତ ଶିଳ୍ପ ସଂସ୍ଥାର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀମାନଙ୍କ ସହ

ଗୋଲଟେବୁଲ ବୈଠକରେ ଆଲୋଚନା କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ଓଡ଼ିଶାର ଭିତ୍ତିଭୂମି ବିକାଶ ଉପରେ ଗୁରୁତ୍ୱ ପ୍ରଦାନ କରାଯାଉଛି। ଆକାଶ, ରେଳ ଓ ସଡ଼କ ଯୋଗାଯୋଗ ବ୍ୟବସ୍ଥାକୁ ସୁଦୃଢ଼ କରାଯାଇଛି।

ପ୍ରଥମ ଦିନରେ ଆଜି ଅପରାହ୍ନ ସୁଦ୍ଧା ମୋଟ୍ ୫୪ଟି ବୁଝାମଣା ସ୍ୱାକ୍ଷରିତ ହୋଇଥିବା ଶିଳ୍ପ ବିଭାଗର ପ୍ରମୁଖ ସଚିବ ହେମନ୍ତ ଶର୍ମା ସୂଚନା ଦେଇଛନ୍ତି। ଶ୍ରୀ ଶର୍ମା କହିଛନ୍ତି, ଏହି ବୁଝାମଣା ଦ୍ୱାରା ରାଜ୍ୟରେ ପ୍ରାୟ ୪ ଦଶମିକ ୫ ଲକ୍ଷ କୋଟି ଟଙ୍କାର ନିବେଶର ସମ୍ଭାବନା ରହିଛି। ଏଥିରେ ଅଦାନୀ ଗ୍ରୁପ୍ ସହିତ ସବୁଠୁ ବଡ଼ ୨ ଦଶମିକ ୨/୮ ଲକ୍ଷ କୋଟି ଟଙ୍କାର ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ସେହିପରି କେନ୍ଦୁଝରରେ ଜେଏସ୍‌ଡବ୍ଲ୍ୟୁ ସହ ୫ ନିୟୁତ ଟନ୍‌ର ଷ୍ଟିଲ ପ୍ଲାଣ୍ଟ ପାଇଁ ଏମ୍‌ଓୟୁ ହୋଇଛି। ଜିନ୍ଦଲ ଗ୍ରୁପ୍ ଓଡ଼ିଶାରେ ଥିବା ବିଭିନ୍ନ ପ୍ଲାଣ୍ଟର ସମ୍ପ୍ରସାରଣ ପାଇଁ ୭୦ ହଜାର କୋଟି ଟଙ୍କା ପୁଞ୍ଜିନିବେଶ କରିବ। ବିର୍ଲା ଗ୍ରୁପ୍ ସହିତ କପର୍ ୟୁନିଟ୍ ପ୍ରତିଷ୍ଠା ପାଇଁ ମଧ୍ୟ ଏମ୍‌ଓୟୁ ହୋଇଛି ବୋଲି ଶ୍ରୀ ଶର୍ମା କହିଛନ୍ତି।

## ଜୟଶଙ୍କର-ଆବୁଧାବି

ଆବୁଧାବି ଠାରେ ରାଇସିନା ଆଲୋଚନାର ଉଦ୍‌ଘାଟନୀ ସମାରୋହରେ ଯୋଗଦେଇ ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଭାରତ ମଧ୍ୟପ୍ରାଚ୍ୟ ସମ୍ପର୍କ ଉପରେ ଗୁରୁତ୍ୱାରୋପ କରିଛନ୍ତି । ବାଣିଜ୍ୟ, ଯୋଗାଯୋଗ ଏବଂ ସାଂସ୍କୃତିକ ସମ୍ପର୍କ କ୍ଷେତ୍ରରେ ଗତ ଦଶବର୍ଷ

ମଧ୍ୟରେ ହୋଇଥିବା ବୃଦ୍ଧି ସମ୍ପର୍କରେ ଆଲୋକପାତ କରି ଡକ୍ଟର ଜୟଶଙ୍କର କହିଛନ୍ତି, ବର୍ତ୍ତମାନର ପରିବର୍ଦ୍ଧିତ ବିଶ୍ୱ ଦୃଶ୍ୟପଟ୍ଟରେ ଏଭଳି ଭାଗିଦାରୀ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ । ସେ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟି ଯୋଗୁଁ ରାଇସିନା ଆଲୋଚନାକୁ ଆରମ୍ଭ କରାଯାଇଥିଲା ଏବଂ ବିଶ୍ୱସ୍ତରୀୟ ଆଲୋଚନାରେ ଏହା ଭାରତର ଭୂମିକାକୁ ଉନ୍ନତ କରିଥିଲା । ପଶ୍ଚିମ ଏସିଆ ସମ୍ପ୍ରସାରଣକୁ ପ୍ରଶଂସା କରିବା ଅବସରରେ ଡକ୍ଟର ଜୟଶଙ୍କର ଉପସାଗରୀୟ ଦେଶଗୁଡ଼ିକ ସହିତ ଭାରତର ସୁଦୃଢ଼ ସମ୍ପର୍କକୁ ଉଲ୍ଲେଖ କରି ଡକ୍ଟର ଜୟଶଙ୍କର କହିଛନ୍ତି, ଭାରତ ସହ ବାର୍ଷିକ ବାଣିଜ୍ୟ କାରବାର ୧୬୦ ବିଲିୟନ୍ ଡଲାର୍‌ରୁ ବୃଦ୍ଧି ପାଇ ୧୮୦ ଡଲାର୍‌ରେ ପହଞ୍ଚିଛି । ସେହିସବୁ ଅଞ୍ଚଳରେ ୯ ନିୟୁତରୁ ଅଧିକ ପ୍ରବାସୀ ଭାରତୀୟ ବସବାସ କରନ୍ତି ବୋଲି ସେ କହିଛନ୍ତି । ଭାରତ-ମଧ୍ୟପ୍ରାଚ୍ୟ-ୟୁରୋ ଅର୍ଥନୈତିକ କରିଡ଼ର ଭଳି ପଦକ୍ଷେପ ମାଧ୍ୟମରେ ସହଯୋଗ ଅଧିକ ସୁଦୃଢ଼ ହୋଇପାରିଛି । ଖାଦ୍ୟ ସୁରକ୍ଷା, ଅକ୍ଷୟଶକ୍ତି ଓ ପ୍ରଯୁକ୍ତିବିଦ୍ୟା ଭଳି କ୍ଷେତ୍ର ମଧ୍ୟ ଅଧିକ ଉନ୍ନତ ହୋଇପାରିଛି । ଐତିହ୍ୟ ଏବଂ ଅଭିନବତାକୁ ଆଧାର କରି ବିକଶିତ ବିଶ୍ୱ ବ୍ୟବସ୍ଥାରେ ମିଳିତ ଆହ୍ୱାନର ମୁକାବିଲା ପାଇଁ ଡକ୍ଟର ଜୟଶଙ୍କର ଦ୍ୱିପକ୍ଷୀୟ ସହଯୋଗ ଉପରେ ଗୁରୁତ୍ୱାରୋପ କରିଥିଲେ ।

# ବାଗପତ୍ ଆକ୍ସିଡେଣ୍ଟ

ଉତ୍ତରପ୍ରଦେଶର ବାଗପତ୍ ଠାରେ ଅସ୍ଥାୟୀ ମଞ୍ଚ ଭାଙ୍ଗି ଯିବା ଘଟଣାରେ ମୃତ୍ୟୁ ସଂଖ୍ୟା ୭କୁ ବୃଦ୍ଧି ପାଇଛି । ଏଥିରେ ୮ଜଣ ପୁଲିସ୍ କର୍ମଚାରୀଙ୍କୁ ମିଶାଇ ୪୫ ଜଣ ଆହତ ହୋଇଛନ୍ତି । ଭଗବାନ ଆଦିନାଥ ନିର୍ବାଣ ଲଡୁ ମହୋତ୍ସବରେ  ନିର୍ମାଣ କରାଯାଇଥିବା ଅସ୍ଥାୟୀ ମଞ୍ଚ ଭୁଶୁଡ଼ି ପଡ଼ିବାରୁ ଏହି ଦୁର୍ଘଟଣା ଘଟିଛି । ଧାର୍ମିକ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଶ୍ରଦ୍ଧାଳୁମାନେ ମଞ୍ଚ ଉପରକୁ ଚଢୁଥିବା ବେଳେ ଏହା ଭୁଶୁଡ଼ି ପଡ଼ିଥିଲା । ବାଗପଥ ଜିଲ୍ଲାପାଳ ଅସ୍ମିତା ଲାଲ ଏହି ଘଟଣାର ମାଜିଷ୍ଟ୍ରେଟ୍ ସ୍ତରୀୟ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ସପ୍ତାହକ ମଧ୍ୟରେ ତଦନ୍ତ ରିପୋର୍ଟ ଦାଖଲ କରିବାକୁ ତଦନ୍ତକାରୀ ଦଳକୁ କୁହାଯାଇଛି । ଏହି ଘଟଣାରେ ଅସ୍ଥାୟୀ ମଞ୍ଚ ନିର୍ମାଣ କରିଥିବା ଠିକାଦାରଙ୍କ ବିରୁଦ୍ଧରେ ମାମଲା ରୁଜୁ କରାଯିବା ସହ ତାଙ୍କୁ ଅଟକ ରଖାଯାଇଛି । ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଏହି ଘଟଣାରେ ଗଭୀର ଦୁଃଖ ପ୍ରକାଶ କରିବା ସହ ଆହତଙ୍କୁ ତୁରନ୍ତ ଚିକିତ୍ସା ଯୋଗାଇଦେବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । କେନ୍ଦ୍ରମନ୍ତ୍ରୀ ଜୟନ୍ତ ଚୌଧୁରୀ ହସ୍ପିଟାଲ୍‌କୁ ଯାଇ ଆହତଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି ।

# ଶ୍ରୀଲଙ୍କା-ଟିଏନ୍ ଫିସରମ୍ୟାନ୍ ଆରେଷ୍ଟ

ଶ୍ରୀଲଙ୍କା ନୌସେନାର ଗୁଳିମାଡ଼ରେ ଡେଲଫ୍ଟ ଦ୍ୱୀପ ନିକଟରେ ୫ ଜଣ ଭାରତୀୟ ମତ୍ସ୍ୟଜୀବୀ ଆହତ ହୋଇଛନ୍ତି । ଏଥିରେ ଦୁଇ ଜଣ ଗୁଳିମାଡ଼ ଜନିତ ଗୁରୁତର ଆହତ ହୋଇଥିବା ବେଳେ ଅନ୍ୟ ତିନି ଜଣ ସାମାନ୍ୟ ଆହତ ହୋଇଥିବା ଜଣାପଡ଼ିଛି ।  ଗତକାଲି ରାତିରେ ଶ୍ରୀଲଙ୍କା ଜଳସୀମାରେ ମାଛ ଧରିବା ଅଭିଯୋଗରେ ଶ୍ରୀଲଙ୍କା ନୌସେନା ଦ୍ୱାରା ୧୩ ଜଣ ମତ୍ସ୍ୟଜୀବୀଙ୍କୁ ନେଇ କରାଇକଲରୁ ଯାଇଥିବା ଏକ ଡଙ୍ଗାକୁ ଅଟକାଯାଇଥିଲା । ମତ୍ସ୍ୟଜୀବୀମାନେ ଭାରତୀୟ ଜଳସୀମାକୁ ଫେରିବାକୁ ଚେଷ୍ଟା କରିବାରୁ ଶ୍ରୀଲଙ୍କା ନୌସେନା ପକ୍ଷରୁ ଗୁଳିମାଡ଼ କରାଯାଇଥିଲା । ଆହତଙ୍କୁ ନୌସେନା ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ କାଙ୍କେ ସାନଥୁରାଇ ନୌସେନା ଘାଟିକୁ ନିଆଯାଇଥିଲା । ଆଜି ସକାଳେ ସେମାନଙ୍କୁ ଜାଫନା ଟିଚିଂ ହସ୍ପିଟାଲ୍‌କୁ ସ୍ଥାନାନ୍ତର କରାଯାଇଛି । ଭାରତୀୟ ଦୂତାବାସ ଅଧିକାରୀ ଜାଫ୍‌ନା ହସ୍ପିଟାଲ୍‌ରେ ଆହତ ମତ୍ସ୍ୟଜୀବୀଙ୍କୁ ଭେଟି ସେମାନଙ୍କର ସ୍ୱାସ୍ଥ୍ୟାବସ୍ଥା ଅନୁଧ୍ୟାନ କରୁଛନ୍ତି । ଏହି ଘଟଣାକୁ ଭାରତ ତୀବ୍ର ନିନ୍ଦା କରିଛି । ଭାରତୀୟ ଦୂତାବାସ ଅଧିକାରୀ ଶ୍ରୀଲଙ୍କା ବୈଦେଶିକ ମନ୍ତ୍ରଣାଳୟ ନିକଟରେ ଏ ନେଇ ଅଭିଯୋଗ କରିଛନ୍ତି । ମତ୍ସ୍ୟଜୀବୀଙ୍କ ଚିକିତ୍ସା ନେଇ କନ୍‌ସୁଲାର୍ ଜେନେରାଲ୍‌ଙ୍କ କାର୍ଯ୍ୟାଳୟ ତରଫରୁ ତୀକ୍ଷ୍ଣ ନଜର ରଖାଯାଇଛି ।

ଏହି ଘଟଣାରେ ନୂଆଦିଲ୍ଲୀ ସ୍ଥିତ ଶ୍ରୀଲଙ୍କା କାର୍ଯ୍ୟକାରୀ ଉଚ୍ଚାୟୁକ୍ତଙ୍କୁ ବୈଦେଶିକ ମନ୍ତ୍ରଣାଳୟ ତରଫରୁ ସମନ ଜାରି କରାଯାଇଛି । ମନ୍ତ୍ରଣାଳୟ

ଦେଇଥିବା ସୂଚନା ଅନୁଯାୟୀ କଲମ୍ବୋ ସ୍ଥିତ ଭାରତୀୟ ଉଚ୍ଚାୟୁକ୍ତ ଶ୍ରୀଲଙ୍କା ସରକାରଙ୍କ ନିକଟରେ ଏ ନେଇ ଅଭିଯୋଗ କରିଛନ୍ତି ।

# ମୌନି ଅମାବାସ୍ୟା

ମୌନି ଅମାବାସ୍ୟା ଅବସରରେ ପ୍ରୟାଗରାଜ ମହାକୁମ୍ଭ ମେଳାରେ ଆସନ୍ତାକାଲି ଦ୍ୱିତୀୟ ଅମୃତ ସ୍ନାନ ଅନୁଷ୍ଠିତ ହେବ । ମୌନି ଅମାବାସ୍ୟା ଦିନ ଅମୃତ ସ୍ନାନକୁ ଅତ୍ୟନ୍ତ ଶୁଭ ବୋଲି ବିବେଚନା କରାଯାଏ । ଗତ ୧୪ ତାରିଖ ମକର ସଂକ୍ରାନ୍ତୀରେ ପ୍ରଥମ ଅମୃତ ସ୍ନାନ ଅନୁଷ୍ଠିତ ହୋଇଥିଲା ।  ମୌନୀ ଅମାବାସ୍ୟା ଅବସରରେ ଲକ୍ଷାଧିକ ଶ୍ରଦ୍ଧାଳୁ ଏବଂ ପର୍ଯ୍ୟଟକଙ୍କର ପ୍ରୟାଗରାଜ ଠାରେ ସମାଗମ ହୋଇଛି । ଶ୍ରଦ୍ଧାଳୁଙ୍କର ସୁରକ୍ଷା ଏବଂ ସୁବିଧାକୁ ଦୃଷ୍ଟିରେ ରଖି ମେଳା ପ୍ରଶାସନ ଏବଂ ପୁଲିସ୍ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି । ଉତ୍ତର ପ୍ରଦେଶ ସରକାର ସାତସ୍ତରୀୟ  ଦୃଢ଼ ସୁରକ୍ଷା ଯୋଜନାକୁ ପ୍ରବର୍ତ୍ତନ କରିଛନ୍ତି ।

ମହାକୁମ୍ଭ ମେଳା ଅଞ୍ଚଳକୁ ଯାନବାହନ ଚଳାଚଳ କଟକଣା କରାଯିବା ସହ ଜରୁରୀକାଳୀନ ପରିସ୍ଥିତିରେ ଶ୍ରଦ୍ଧାଳୁଙ୍କୁ ସହଯୋଗ ପ୍ରଦାନ କରିବା ଲାଗି ପୁଲିସ୍, ଡାକ୍ତର, ଅଗ୍ନିସମ ବାହିନୀକୁ ନେଇ ବିଭିନ୍ନ ଦଳ

ଗଠନ କରାଯାଇଛି । ସେମାନେ ଅହୋରାତ୍ର ସେଠାରେ ଶ୍ରଦ୍ଧାଳୁଙ୍କୁ ସହଯୋଗ ପ୍ରଦାନ କରୁଛନ୍ତି ।

ସ୍ୱାସ୍ଥ୍ୟ ସମ୍ପର୍କିତ ଆହ୍ୱାନର ମୁକାବିଲା ପାଇଁ ପ୍ରୟାଗରାଜ ପରେଡ୍ ଗ୍ରାଉଣ୍ଡ ଠାରେ ୧୦୦ ଶଯ୍ୟା ବିଶିଷ୍ଟ ଏକ ଡାକ୍ତରଖାନା ସ୍ଥାପନ କରାଯାଇଛି । ଶ୍ରଦ୍ଧାଳୁଙ୍କର ଭିଡ଼କୁ ଦୃଷ୍ଟିରେ ରଖି ଆମ୍ବୁଲାନ୍ସ ସଂଖ୍ୟାକୁ ବୃଦ୍ଧି କରାଯାଇଛି । ୨୦ଟି ବାହ୍ୟ ସ୍ୱାସ୍ଥ୍ୟସେବା କେନ୍ଦ୍ରରେ ୮୦ ଜଣ ଆୟୁଷ ଡାକ୍ତରୀ ଦଳ ଭକ୍ତ ଓ ଶ୍ରଦ୍ଧାଳୁଙ୍କୁ ୨୪ ଘଣ୍ଟିଆ ନିଶୁଳ୍କ ଚିକିତ୍ସାସେବା ଯୋଗାଇ ଦେଉଛନ୍ତି ।

ଶ୍ରଦ୍ଧାଳୁଙ୍କର ଯାତ୍ରାକୁ ଦୃଷ୍ଟିରେ ରଖି ରେଳବାଇ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଇଛି । ରେଳବାଇ ବୋର୍ଡ ଅଧ୍ୟକ୍ଷ ତଥା ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ସତୀଶ କୁମାର ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ଏହି ଅବସରରେ ୬୦ରୁ ଊର୍ଦ୍ଧ୍ୱ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରୁଛି । ମୌନି ଅମାବାସ୍ୟା ଅବସରରେ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳର ସଂଖ୍ୟା ୧୯୦କୁ ବୃଦ୍ଧି ପାଇଛି ବୋଲି ସେ କହିଛନ୍ତି । ଏହା ବ୍ୟତୀତ ୧୧୦ଟି ଟ୍ରେନ୍ ନିର୍ଦ୍ଧାରିତ ସମୟାନୁଯାୟୀ ଚଳାଚଳ କରୁଛି । ପ୍ରତି ୪ ମିନିଟ୍ ଅନ୍ତରରେ ଶ୍ରଦ୍ଧାଳୁଙ୍କୁ ରେଳ ଯୋଗାଯୋଗ ବ୍ୟବସ୍ଥାର ସୁବିଧା ପ୍ରଦାନ କରାଯିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ସେ କହିଛନ୍ତି ।

## କ୍ରିକେଟ୍-ଇଣ୍ଡିଆ-ଇଂଲଣ୍ଡ

ଭାରତ-ଇଂଲଣ୍ଡ ୫ଟିକିଆ ଟି-ଟ୍ୱେଣ୍ଟି କ୍ରିକେଟ୍ ସିରିଜ୍‌ର ତୃତୀୟ ମ୍ୟାଚ୍ ଗୁଜରାଟର ରାଜକୋଟ୍ ଠାରେ ଖେଳାଯାଉଛି । ଭାରତ ଟସ୍ ଜିତି ଇଂଲଣ୍ଡକୁ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଛି । ସମ୍ବାଦ ପ୍ରସ୍ତୁତ ହେବା ବେଳକୁ ଇଂଲଣ୍ଡ ୨ ଓଭରରେ ଗୋଟିଏ ୱିକେଟ୍ ହରାଇ ୧୨ ରନ୍ ସଂଗ୍ରହ କରିଛି ।

ସୂର୍ଯ୍ୟ କୁମାର ଯାଦବଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ଏହି ଶୃଙ୍ଖଳାରେ ଏ ପର୍ଯ୍ୟନ୍ତ ୨-୦ରେ ଆଗୁଆ ରହିଛି ।

## କ୍ରିକେଟ୍-ଅଣ୍ଡର ନାଇଣ୍ଟିନ୍

ମାଲେସିଆର କ୍ୱାଲାଲାମପୁର ସ୍ଥିତ ବାୟୋମସ ଷ୍ଟାଡିୟମ୍‌ରେ ଆଇ.ସି.ସି. ୧୯ ବର୍ଷରୁ କମ୍ ମହିଳା ଟି-ଟ୍ୱେଣ୍ଟି କ୍ରିକେଟ୍ ବିଶ୍ୱକପ୍‌ରେ ଭାରତ ସ୍କଟ୍‌ଲାଣ୍ଡକୁ ୧୫୦ରନ୍‌ରେ ପରାସ୍ତ କରିଛି । ୨୦୯ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ସ୍କଟ୍‌ଲାଣ୍ଡ ୧୪ ଓଭରରେ ସମସ୍ତ ୱିକେଟ୍ ହରାଇ ୫୮ରନ୍ ସଂଗ୍ରହ କରିଥିଲେ । ଭାରତ ପକ୍ଷରୁ ଆୟୁଶୀ ଶୁକ୍ଳା ୪ଟି ୱିକେଟ୍ ଅକ୍ତିଆର କରିଥିବା ବେଳେ ବୈଷ୍ଣବୀ ଶର୍ମା ଏବଂ ଗଙ୍ଗାଡ଼ି ତ୍ରିଶା ୩ଟି ଲେଖାଏଁ ୱିକେଟ୍ ନେଇଥିଲେ । ପୂର୍ବରୁ ଭାରତୀୟ ଦଳ ନିର୍ଦ୍ଧାରିତ ୨୦

ଓଭରରେ ଗୋଟିଏ ୱିକେଟ୍ ହରାଇ ୨୦୮ରନ୍ କରିଥିଲା । ଭାରତ ପକ୍ଷରୁ ଗଙ୍ଗାଡ଼ି ତ୍ରିଶା ୫୯ଟି ବଲ୍‌ରେ ସର୍ବୋଚ୍ଚ ୧୧୦ରନ୍ କରି ଅପରାଜିତ ଥିବା ବେଳେ ଜି. କମଳିନୀ ୪୨ଟି ବଲ୍‌ରୁ ୫୧ରନ୍ ସଂଗ୍ରହ କରିଥିଲେ । ସ୍କଟ୍ ଲାଣ୍ଡ ପକ୍ଷରୁ ମାଇସି ମାସିରା ଗୋଟିଏ ୱିକେଟ୍ ନେଇଥିଲେ ।